ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

News ID-IPR/Forest, Env. and CC (OD)/ 486/20-08-2025

## ସେପ୍ଟେମ୍ବର ୧୭ ତାରିଖରେ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ରାଜ୍ୟରେ ୨ ଲକ୍ଷ ଚାରା ରୋପଣ କରିବେ
## ବିଭିନ୍ନ ଫଳଗଛ, ଉପକାରୀ ଗଛଚାରା ସାରା ରାଜ୍ୟରେ ଲଗାଯିବ
## ପ୍ରତ୍ୟେକ ଗାଁରେ ୧୫୦ ଚାରା ରୋପଣ ଆମର ଲକ୍ଷ୍ୟ -ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସାହୁ

ଭୁବନେଶ୍ୱର, ୨୦/୦୮/୨୦୨୫

ଆଜି ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସଗୁଡ଼ିକର ଏକ ଦିବସୀୟ ବିଶାଳ ଚାରା ରୋପଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ ସଂକ୍ରାନ୍ତୀୟ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି ।

ଏଥିରେ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ବନବାହିନୀ ମୁଖ୍ୟ ଶ୍ରୀ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (କେନ୍ଦୁପତ୍ର) ଶ୍ରୀମତୀ ଉମା ନନ୍ଦୁରୀ, କାମ୍ପାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଜି. ରାଜେଶ, ପରିବେଶ ନିର୍ଦ୍ଦେଶକ ଶ୍ରୀ କେ. ଏସ୍. ପ୍ରଦୀପ, ବିଏସ୍‌ଏଫ୍‌ର ଡିଆଇଜି ଶ୍ରୀ ଦିବାକର କୁମାର, ସିଆର୍‌ପିଏଫ୍‌ର ଡିଆଇଜି ଶ୍ରୀ ବଳରାମ ବେହେରା, ଆଇଟିବିପିର କମାଣ୍ଡାଣ୍ଟ ଶ୍ରୀ ଏ. ଏନ୍. ଦତ୍ତା, ଏନ୍‌ସିସିର ନିର୍ଦ୍ଦେଶକ ଲେଫଟ୍‌ନାଣ୍ଟ କର୍ଣ୍ଣେଲ ସୌମ୍ୟରଞ୍ଜନ ସାହୁ, ସିଆଇଏସ୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ଶ୍ରୀ ପଲ୍ କେ. ଭାଇଫେଇ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ କହିଲେ ଯେ କେନ୍ଦ୍ରୀୟ ପାରାମିଲିଟାରୀ ଫୋର୍ସ ପକ୍ଷରୁ ସେପ୍ଟେମ୍ବର ୧୭ରେ ୨ ଲକ୍ଷ ଚାରା ରୋପଣ କରାଯିବ । ତନ୍ମଧ୍ୟରୁ ବୌଦ୍ଧ, କନ୍ଧମାଳ, କଳାହାଣ୍ଡି, ମାଲକାନଗିରି, କୋରାପୁଟ ଓ ଖୋର୍ଦ୍ଧା ଜିଲ୍ଲାରେ ଉପସ୍ଥିତି ଥିବା ବିଏସ୍‌ଏଫ୍ ୪୦ ହଜାର ଚାରା ନିଜର କ୍ୟାମ୍ପସ୍ ଓ ସଂପୃକ୍ତ ଜିଲ୍ଲାପାଳମାନେ ନିରୂପିତ କରିଥିବା ସ୍ଥାନରେ ଲଗାଇବେ । କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା, ସମ୍ବଲପୁର, ନବରଙ୍ଗପୁର, ନୂଆପଡ଼ା, ଖୋର୍ଦ୍ଧା ଜିଲ୍ଲାରେ ଉପସ୍ଥିତି ଥିବା ସିଆର୍‌ପିଏଫ୍ ପକ୍ଷରୁ ସଂପୃକ୍ତ ଜିଲ୍ଲାଗୁଡ଼ିକରେ ୪୦ ହଜାର ଚାରା ରୋପଣ କରାଯିବ । ଖୋର୍ଦ୍ଧା ଜିଲ୍ଲାରେ ଆଇଟିବିପି ପକ୍ଷରୁ ୧୦ ହଜାର ଚାରା ଲଗାଯିବ । ସିଆଇଏସ୍‌ଏଫ୍ ଏହାର ମୁଣ୍ଡଳିସ୍ଥିତ କ୍ୟାମ୍ପସ୍ ଓ ନିକଟବର୍ତ୍ତୀ ସ୍ଥାନରେ ୧ ହଜାର ଜବାନ୍‌ଙ୍କ ଦ୍ୱାରା ୧୦ ହଜାର ଚାରା ରୋପଣ କରିବେ । ରାଜ୍ୟରେ ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡ଼ିକରେ ଏନ୍‌ସିସିର ୭୦ ହଜାର କ୍ୟାଡେଟ୍ ଓ ୩୦୦ ଏଏନ୍‌ଓ ଏକ ଲକ୍ଷ ଚାରା ରୋପଣ କରିବାର ଲକ୍ଷ୍ୟ ରହିଛି । ୩୦ ଅଗଷ୍ଟ ସୁଦ୍ଧା କେନ୍ଦ୍ରୀୟ ପାରାମିଲିଟାରୀ ବଳର ସ୍ଥାନୀୟ ମୁଖ୍ୟ ଚାରା ରୋପଣ ସ୍ଥାନ ନିରୂପଣ ଓ ଚୂଡ଼ାନ୍ତ କରି ବନଖଣ୍ଡ ଅଧିକାରୀମାନଙ୍କୁ ଚାରା ରୋପଣ ପାଇଁ ଅନୁରୋଧ କରିବେ । ସେପ୍ଟେମ୍ବର ୧୦ ସୁଦ୍ଧା ଚାରା ରୋପଣ ପାଇଁ ସ୍ଥାନ ସଂପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିବ । ଜଙ୍ଗଲ ବିଭାଗର ନର୍ସରୀଗୁଡ଼ିକରୁ ଚାରା ସେମାନଙ୍କୁ ମାଗଣାରେ ଯୋଗାଇ ଦିଆଯିବ । ଜଙ୍ଗଲ ବିଭାଗ ସେପ୍ଟେମ୍ବର ୧୦ ସୁଦ୍ଧା ଚାରା ବଣ୍ଟନ କାର୍ଯ୍ୟ ଶେଷ କରିବେ । ସେମାନେ ନିଜ ନିଜ କ୍ୟାମ୍ପସ୍ ପରିସରରେ ସେପ୍ଟେମ୍ବର ୧୭ ତାରିଖ ଦିନ ଏହି ଚାରା ରୋପଣ କରିବେ । ଚାରାରୋପଣ କାର୍ଯ୍ୟ ସମାପ୍ତ ହୋଇ ମେରିଲାଇଫ୍ ପୋର୍ଟାଲରେ ଜିଓ ଟ୍ୟାଗିଂ କରାଯିବ । ସ୍ୱେଚ୍ଛାସେବୀ, ଏଡିଇଓ ଓ ନେହେରୁ ଯୁବକେନ୍ଦ୍ରର କର୍ମୀମାନେ ଡାଟା ଅପ୍‌ଲୋଡିଂ ଓ ଫଟୋ ଡକୁମେଣ୍ଟେସନ୍ କାର୍ଯ୍ୟକରିବେ । ସୂଚନା ଓ ଲୋକସମ୍ପର୍କ ବିଭାଗ ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ସ ଓ ସାମାଜିକ ଗଣମାଧ୍ୟମରେ ସଚେତନତା ଅଭିଯାନକୁ ବ୍ୟାପକ କରିବେ । ନିମ, କରଞ୍ଜ, ତେନ୍ତୁଳି, ପିଆଶାଳ, ଗମ୍ଭାର, ଫାଶୀ, ଅର୍ଜୁନ, ହରିଡ଼ା, ବାହାଡ଼ା, ଅଁଳା ପ୍ରଭୃତି ଉପକାରୀ ଗଛ ଏବଂ ଓଉ, ଜାମୁକୋଳି, ଆମ୍ବ, ପଣସ, ପିଜୁଳି, ଆତ, ବେଲ, ଆମ୍ବଡ଼ା, ବରକୋଳି ଓ ସପେଟା ଆଦି ଫଳ ଗଛର ଚାରା ରୋପଣ ଓ ବଣ୍ଟନ ପାଇଁ ସ୍ଥିର କରାଯାଇଛି ।

ରାଜ୍ୟର ୨ ଲକ୍ଷ ସ୍କୁଲ ଶିକ୍ଷକ, ୭୭ ହଜାର ଅଙ୍ଗନୱାଡ଼ି କର୍ମୀ, ୧୭ ହଜାର ଆଶା କର୍ମୀ, ୧୦ ହଜାର ଇକୋକ୍ଲବ୍, ୧୭, ୫୦୦ ବନ ସୁରକ୍ଷା ସମିତି ଓ ପରିବେଶ ଅଭିବୃଦ୍ଧି କମିଟି ଏବଂ ୧୭,୫୦୦ ନେହେରୁ ଯୁବକେନ୍ଦ୍ରର ସ୍ୱେଚ୍ଛାସେବୀ ଏହି ବିରାଟ ଏକ ଦିବସୀୟ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଯୋଗଦାନ କରି ଏହାକୁ ଏକ ଜନ ଆନ୍ଦୋଳନର ରୂପ ଦେବେ ।

ପରେ ସମସ୍ତ ଜିଲ୍ଲାପାଳ, ବନଖଣ୍ଡ ଅଧିକାରୀ ଓ ଅନ୍ୟ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଏକ ଆଭାସି ଆଲୋଚନାରେ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ବିଭିନ୍ନ ସରକାରୀ ବିଭାଗଗୁଡିକର ଭୂମିକା ଓ ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ ।

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ୧୫ ଲକ୍ଷ ଚାରା ରୋପଣ କରିବ ଓ ୩୩ ଲକ୍ଷ ୯୭ ହଜାର ଚାରା ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗକୁ ବଣ୍ଟନ କରିବ । ୩୧ ଅଗଷ୍ଟ ସୁଦ୍ଧା ବନଖଣ୍ଡ ଅଧିକାରୀମାନେ ଚାରା ରୋପଣ ସ୍ଥାନ ଚିହ୍ନଟ କରିବେ । ସେପ୍ଟେମ୍ବର ୧୦ ସୁଦ୍ଧା ରେଞ୍ଜ ଅଧିକାରୀମାନେ ଗ୍ରାମପଞ୍ଚାୟତଗୁଡ଼ିକରେ ଚାରା ଗଛ ପହଞ୍ଚାଇବେ । ଫଳଗଛ, ଫୁଲଗଛ

ଓ ବହୁ ଉପକାରୀ ଗଛର ଚାରା ବଣ୍ଟନ ଉପରେ ଗୁରୁତ୍ୱ ଆରୋପ କରାଯାଉଛି । ଜିଲ୍ଲା ଖଣିଜ ପାଣ୍ଠି, ଓଏମ୍‌ବିଏଡିସି, ସିଏସ୍‌ଆର୍ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଚାରା ନେବା - ଆଣିବା ଖର୍ଚ୍ଚ ଜିଲ୍ଲାପାଳମାନଙ୍କୁ ପଠାଇବେ ।

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ୩୩ ଲକ୍ଷ ୯୭ ହଜାର ଚାରାଗଛ ଲଗାଇବ । ପିଇଓ, ଜିଆର୍‌ଏସ୍ ସରପଞ୍ଚଙ୍କ ପରାମର୍ଶ ନେଇ ଗ୍ରାମସଭାରେ ମଞ୍ଜୁର କରାଇ ଚାରା ରୋପଣ ସ୍ଥାନଗୁଡ଼ିକ ୨୫ ଅଗଷ୍ଟ ସୁଦ୍ଧା ଚୂଡ଼ାନ୍ତ କରିବେ । ଗ୍ରାମ ପଞ୍ଚାୟତ ସ୍ତରର ପିଆଇଏମାନେ ଜିଲ୍ଲାପାଳ ତଥା ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟକାରୀଙ୍କ ସ୍ୱୀକୃତି ଆଣି ସେପ୍ଟେମ୍ବର ୩ ସୁଦ୍ଧା ଚାରା ରୋପଣ ପ୍ରକଳ୍ପ ଦାଖଲ କରିବେ । ରୋପଣ ସ୍ଥାନ, ଗର୍ତ୍ତ ଖନନ ଓ ବାଡ଼ ଦେବା କାର୍ଯ୍ୟ ସେପ୍ଟେମ୍ବର ୧୦ ସୁଦ୍ଧା ସରିବ । ପିଆର୍‌ଆଇମାନେ କ୍ଷେତ୍ର ସ୍ତରର ଦଳଗୁଡ଼ିକୁ ସଂଗଠିତ କରି ଜିଆର୍‌ଏସ୍, ଇକୋକ୍ଲବ୍ ଶିକ୍ଷକ, ଅଙ୍ଗନୱାଡ଼ି ଓ ଆଶାକର୍ମୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ, ମୋ ଭାରତ ସ୍ୱେଚ୍ଛାସେବୀ ଏବଂ ମିଶନଶକ୍ତି ହିତାଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି ପଞ୍ଚାୟତସ୍ତରୀୟ ଦଳଗୁଡ଼ିକୁ ଚାରା ରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ରଖିବେ । ମହାତ୍ମା ଗାନ୍ଧୀ ନରେଗା ଯୋଜନାରୁ ସମସ୍ତ ଖର୍ଚ୍ଚ ଭରଣା କରାଯିବ ।

ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ପକ୍ଷରୁ ୧୩ ଲକ୍ଷ ଚାରା ରୋପଣ କରାଯିବ । ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ନିର୍ଦ୍ଦେଶାଳୟ ପକ୍ଷରୁ ୧୦ ଲକ୍ଷ ଚାରା - ଏହିଭଳି କୃଷି ବିଭାଗ ଦ୍ୱାରା ୨୩ ଲକ୍ଷ ଚାରା ସେପ୍ଟେମ୍ବର ୧୭ ତାରିଖ ଦିନ ରୋପଣ କରାଯିବ । ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ନିର୍ଦ୍ଦେଶାଳୟ ୩୦ ଅଗଷ୍ଟ ସୁଦ୍ଧା ଚାରା ରୋପଣ ସ୍ଥାନଗୁଡ଼ିକୁ ଚୂଡ଼ାନ୍ତ କରି ଜିଲ୍ଲାସ୍ତରୀୟ କମିଟିକୁ ରୋପଣ ଯୋଜନା ସମ୍ବନ୍ଧରେ ଅବଗତ କରିବେ । ଉପଲବ୍ଧ ଚାରାର ଶତକଡ଼ା ୫୦ ଭାଗ ବଣ୍ଟନ କରାଯିବ । ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଗୋଷ୍ଠୀ ଓ ସମ୍ପ୍ରଦାୟ ଆଧାରିତ ଅନୁଷ୍ଠାନ ମିଳିତ ଭାବେ ଚାରା ରୋପଣ କାର୍ଯ୍ୟକ୍ରମକୁ ସମାହିତ କରିବେ । ପ୍ରତ୍ୟେକ ବ୍ୟକ୍ତି ସର୍ବାଧିକ ୫ଟି ଚାରା ରୋପଣ କରିବେ ।

ଶିଳ୍ପ ବିଭାଗ ପକ୍ଷରୁ ୧୫ ଲକ୍ଷ ଚାରା ରୋପଣ କରାଯିବା ନିଷ୍ପତ୍ତି ହୋଇଛି । ୩୦ ଅଗଷ୍ଟ ସୁଦ୍ଧା ବିଭାଗ ସଂପୃକ୍ତ ବନଖଣ୍ଡ ଅଧିକାରୀମାନଙ୍କୁ ଚାରା ରୋପଣ ସ୍ଥାନ ଚୂଡ଼ାନ୍ତ କରି ଜଣାଇବ । ୫ ସେପ୍ଟେମ୍ବର ୨୦୨୫ ସୁଦ୍ଧା ବନଖଣ୍ଡ ଅଧିକାରୀମାନେ ଚାରାର ପରିମାଣ, ମୂଲ୍ୟ ଓ ଉପଲବ୍ଧତା ସମ୍ବନ୍ଧରେ ଜଣାଇବେ ଓ ୧୦ ସେପ୍ଟେମ୍ବର ସୁଦ୍ଧା ଚାରା ରୋପଣ ସ୍ଥାନରେ ସମସ୍ତ ପ୍ରସ୍ତୁତି ସମାପ୍ତ ହେବ ।

ପ୍ରତ୍ୟେକ ଗାଁରେ ୧୫୦ ଚାରା ରୋପଣ ଆମର ଲକ୍ଷ୍ୟ ବୋଲି ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀ ସାହୁ ପ୍ରକାଶ କରିଥିଲେ । ସମସ୍ତ ଜିଲ୍ଲାପାଳମାନଙ୍କ ସହ ଏହି ବିଶାଳ ଚାରାରୋପଣ କାର୍ଯ୍ୟକ୍ରମର ସାମ୍ପ୍ରତିକ ସ୍ଥିତି ଓ ଅଗ୍ରଗତି ସମ୍ପର୍କରେ ସେ ବିଶଦ ଭାବେ ପଚାରି ବୁଝିଥିଲେ ।

ସୂଚନାଯୋଗ୍ୟ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ୧୭ ସେପ୍ଟେମ୍ବର, ୨୦୨୫ଦିନ ତାଙ୍କୁ ଶ୍ରଦ୍ଧା ଓ କୃତଜ୍ଞତା ଜଣାଇବା ପାଇଁ ଓଡ଼ିଶା ଏକ ବିଶାଳ ଦିନିକିଆ ଚାରାରୋପଣ ଅଭିଯାନ ଯୋଜନା କରୁଛି। ରାଜ୍ୟବ୍ୟାପୀ ଗୋଟିଏ ଦିନରେ ୭୫ ଲକ୍ଷ ଚାରାରୋପଣ କରିବା ରାଜ୍ୟବାସୀଙ୍କ ମହତ୍ତ୍ୱାକାଂକ୍ଷୀ ଲକ୍ଷ୍ୟ ।

ଏହି ପଦକ୍ଷେପ "ଏକ ପେଡ୍ ମା କେ ନାମ ୨.୦" ଅଭିଯାନର ଏକ ଅଂଶ, ଯାହା ପରିବେଶ ସୁରକ୍ଷା ପାଇଁ ବୃକ୍ଷରୋପଣକୁ ଏକ ଗଣ ଆନ୍ଦୋଳନରେ ପରିଣତ କରିବା ଲକ୍ଷ୍ୟ ରଖିଛି। ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଏବଂ ପାନୀୟ ଜଳ, କୃଷି ଏବଂ କୃଷକ ସଶକ୍ତିକରଣ, ଏବଂ ଶିଳ୍ପ ବିଭାଗ ସମେତ ଅନେକ ସରକାରୀ ବିଭାଗ ଏହି ପ୍ରୟାସରେ ସାମିଲ ଅଛନ୍ତି।

ଲକ୍ଷ୍ୟବଦ୍ଧ ରୋପଣ: ଗ୍ରାମାଞ୍ଚଳ ଗ୍ରାମ, ଶିଳ୍ପ କ୍ଷେତ୍ର, ଗୋଷ୍ଠୀ ଜଙ୍ଗଲ, ଗ୍ରାମ ଜଙ୍ଗଲ ଏବଂ ରାସ୍ତା ପାର୍ଶ୍ୱରେ ବିଭିନ୍ନ ସ୍ଥାନରେ ଚାରା ରୋପଣ କରାଯିବ।

ରାଜ୍ୟ ବ୍ୟାପୀ ଅଂଶଗ୍ରହଣ: ଏହି ଅଭିଯାନରେ ପଞ୍ଚାୟତ ଅନୁଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟକ ଗୋଷ୍ଠୀ, ଏନଜିଓ, ଯୁବ ସଂଗଠନ ଏବଂ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ଗୋଷ୍ଠୀ ସାମିଲ ହେବେ।

ସ୍ଥାନୀୟ ପ୍ରଜାତି ଉପରେ ଧ୍ୟାନ : ସରକାର ସ୍ଥାନୀୟ ପାରିବେଶିକ ପରିସ୍ଥିତି ପାଇଁ ଉପଯୁକ୍ତ ଜଳବାୟୁ-ପ୍ରତିରୋଧୀ ଏବଂ ଫଳ ଦେଉଥିବା ପ୍ରଜାତି ରୋପଣ ଉପରେ ଗୁରୁତ୍ୱ ଦେଇଛନ୍ତି।

ଚାରାରୋପଣ ପରବର୍ତ୍ତୀ ଯତ୍ନ: ଏହି ଯୋଜନାରେ ଚାରାଗୁଡ଼ିକର ବଞ୍ଚିବା ସୁନିଶ୍ଚିତ କରିବା ପାଇଁ ସେମାନଙ୍କର ଦୀର୍ଘକାଳୀନ ଯତ୍ନ ଏବଂ ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ମଧ୍ୟ ଅନ୍ତର୍ଭୁକ୍ତ। ଅଗ୍ରଗତି ତଦାରଖ କରିବା ପାଇଁ ରୋପଣର ତଥ୍ୟ ଏବଂ ଜିଓ-ଟ୍ୟାଗ୍ ହୋଇଥିବା ଫଟୋଗୁଡ଼ିକୁ "MeriLiFE" ପୋର୍ଟାଲରେ ଅପଲୋଡ୍ କରାଯିବ।

ଏହି ଉଚ୍ଚସ୍ତରୀୟ ପ୍ରସ୍ତୁତି ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ପଞ୍ଚାୟତିରାଜ ବିଭାଗର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ସିଦ୍ଧାର୍ଥ ସ୍ୱାଇଁ, ସୋନପୁର ଜିଲ୍ଲାପାଳ ଡ. ଏନ. ଆର୍ ସାହୁ, ଉଦ୍ୟାନକୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଶ୍ରୀ ଅନୁଜ କୁମାର ଦାସ ପଟ୍ଟନାୟକ, ମୃତ୍ତିକା ସଂରକ୍ଷଣ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ଶ୍ରୀ ଭୀମସେନ ସେଠୀ, ନେହେରୁ ଯୁବକେନ୍ଦ୍ରର ଆଞ୍ଚଳିକ ନିର୍ଦ୍ଦେଶକ ଶ୍ରୀ ଶିବାଜୀ ଖରାଟ ପ୍ରମୁଖ ଏହି ବୈଠକରେ ଉପସ୍ଥିତ ରହି ବହୁ ସୁଚିନ୍ତିତ ପରାମର୍ଶ ଦେଇଥିଲେ ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ